# Akashvani, Sambalpur

# SAMBALPURI NEWS MORNING BULLETIN

# 2 August 2026 - 6.47- 6.52 am.

---

ନିଶାମୁକ୍ତ ଯୁବବର୍ଗ କାର୍ଯ୍ୟକ୍ରମ ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ବିକଶିତ୍ ଭାରତ୍ ସଂକଳ୍ପ ଅଭିଯାନ୍ ଲାଗି ନିଶାମୁକ୍ତ ଯୁବବର୍ଗ କାର୍ଯ୍ୟକ୍ରମ୍‌କେ ଆଭାସୀ ଜରିଏ ଯୁଆନ୍ ପିଢ଼ିଙ୍କୁ ସମ୍ବୋଧନ୍ କର୍‌ବେ । ଇ ଆଭାସୀ ଆଲୋଚନା ଦେଶର୍ ପାଖାପାଖି ୧୦ ହଜାର୍ ଜାଗାକେ ସଂଯୋଗ୍ କର୍‌ବା ବଲି ଜନାପଡ଼ିଛେ । ଇଥି ୧ କୋଟିନୁ ଅଏତ୍‌କା ମାଇ ଭାରତ୍ ସ୍ୱେଚ୍ଛାସେବକ୍ ଯୁବ କ୍ଲବ୍, ସ୍କୁଲ୍, କଲେଜ୍, ବିଶ୍ୱବିଦ୍ୟାଳୟ ଛାତ୍ର, ଏନ୍‌ଜିଓର ପ୍ରତିନିଧି, ଶିଳ୍ପ ସଂଘର୍ ଯୁବ ଶାଖା ଆଉ ଶହେ ୨୫ ନୁ ଅଏତ୍‌କା ସହଯୋଗୀ ସଂଗଠନ୍‌ର ସଦସ୍ୟମାନ୍‌କୁ ଏକତ୍ରିତ୍ କରାଯିବା । ଇ ଅଭିଯାନ୍ ଆଏବା ୧୪ ତାରିଖ୍ ଦିନ ନୂଆଦିଲ୍ଲୀ ନ ହେବାର୍‌କେ ଥିବା ଜାତୀୟ ନିଶାମୁକ୍ତି ଯୁବ ସମ୍ମିଳନୀ ସାଙ୍ଗେ ଶେଷ୍ ହେବା ।

ଇ ଅବ୍‌ସରେ ଭୁବ୍‌ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ନ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ୍ ଆୟୋଜନ୍ କରାଯାଇଛେ । ଇଥି ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି, ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଉ କ୍ରୀଡ଼ା ଆଉ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଅତିଥି ଭାବେ ଯୋଗ୍ ଦେବେ ।

ରାଜ୍ୟ କେବିନେଟ୍          ଆର୍‌ଏନ୍‌ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ଲୋକ୍‌ସେବା ଭବନ୍ ନ ଗଲାକାଏଲ୍ କେବିନେଟ୍ ବୈଠକ୍ ହେଇଯାଇଛେ । ଇଥି ୬ ଟା ବିଭାଗ୍‌ର ୧୧ ଟା ପ୍ରସ୍ତାବ୍‌କେ ମଞ୍ଜୁରୀ ମିଳିଛେ ବଲି ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗ କହିଛନ୍ । ବୈଠକ୍ ବାବ୍‌ଦେ ଗଣମାଧ୍ୟମ୍‌କେ ସୂଚ୍‌ନା ଦେଇକରି ଶ୍ରୀମତୀ ଗର୍ଗ କହିଛନ୍, ମଞ୍ଜୁରୀ ମିଳିଥିବା ପ୍ରସ୍ତାବ୍ ମାନ୍‌କର୍ ଭିତ୍‌ରେ ୪ ଟା ପ୍ରସ୍ତାବ୍ ଜଲ୍‌ସେଚନ୍‌କେ ନେଇକରି ରହିଛେ । ଜଲ୍‌ସେଚନ୍ ଆଉ ଭୂତଳ ପାଇପ୍ ଲାଇନ୍ ବ୍ୟବସ୍ଥା ଜରିଏ ଜଳ ବିତରଣ୍ ଲାଗି ୬ ଶହ ୭୩ କୋଟି ୩୩ ଲାଖ୍ ୭୫ ହଜାର୍ ଟଙ୍କାର୍ ପ୍ରକଳ୍ପକେ କେବିନେଟ୍‌ର

ଅନୁମୋଦନ୍ ମିଳିଛେ । ଇଥି ୫ ଟା ଜିଲ୍ଲାର୍ ୨୩ ହଜାର୍ ୯ ଶହ ୭୪ ଦଶ୍ମିକ୍ ୪୫ ଏକଡ୍ ଜମିକେ ଜଲସେଚିତ କର୍ବାର୍କେ ଯୋଜ୍ନା ହେଇଛେ ।

ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ୍ର ୨ ନମ୍ବର୍ ଖେପ୍କେ ଭିଲ୍ କେବିନେଟ୍ର ଅନୁମୋଦନ୍ ମିଲିଛେ । ଇ କାର୍ଯ୍ୟକ୍ରମ୍ ଲାଗି ୨ ହଜାର୍ ୯ ଶହ ୯୫ କୋଟି ଟଙ୍କା ଖର୍ଚ୍ଚା ହେବା । ୨୦୨୯ ମସିହାତକ୍ ସହରାଂଚଲ୍ର ସବୁ ଯୋଗ୍ୟ ପରିବାର୍କେ ସାର୍ବଜନୀନ ଘର୍ ଯୁଗେଇ ଦେବାର୍ ଲାଗି ପ୍ରଧାନ୍ମନ୍ତ୍ରୀ ଆବାସ ଯୋଜ୍ନା-ସହରାଂଚଲ୍ ବନ୍ଧୁ ଯୋଜ୍ନାକେ କେବିନେଟ୍ର ମଞ୍ଜୁରୀ ମିଲିଛେ । ଯୋଜ୍ନା ଜରିଏ ସୁଲଭ୍ ଦାମ୍ଥି ସହରାଂଚଲ୍ ନ ଲୋକ୍ମାନ୍କୁ ଘର୍ ଯୁଗେଇ ଦିଆଯିବା । ଇଥିର୍ଲାଗି ସର୍କାର୍ ୧୬ ଶହ ୧୫ କୋଟି ଟଙ୍କା ଖର୍ଚ୍ଚା କର୍ବେ ।

ଏସ୍ଆଇଆର୍ ଆଇ ଆଣ୍ଡ୍ ପି.ଆର

ରାଏଜେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ୍ -୨୦୨୬ କାର୍ଯ୍ୟକ୍ରମ୍ ଅଧୀନ୍ଥି ଚିଠା ଭୋଟର୍ ତାଲିକା ଉପ୍ରେ ଦାବି ଆଉ ଆପତି

ଦାଖଲ୍ ଲାଗି ଧାରିଜ୍ ହେଇଥିବା ସମିଆକେ ଭାରତ୍ ନିର୍ବାଚନ୍ ଆୟୋଗ୍ ଆଏବା ୧୯ ତାରିଖ୍‌ତକ୍ ବଢ଼େଇଛନ୍ । ଇ ବାବ୍‌ଦେ ଗୁଟେ ବିଜ୍ଞପ୍ତି ରାଜ୍ୟ ସରକାର୍‌ଙ୍କର୍ ଗୃହ ବିଭାଗ୍ ତରଫୁ ଓଡ଼ିଶା ଗେଜେଟ୍‌ଥି ବାହାରିଛେ । ଯେନ୍ ଯୋଗ୍ୟ ଲୁକ୍‌କର୍ ନାଁ ଚିଠା ଭୋଟର୍ ତାଲିକାଥି ନାଇଁଥିବା, କେନ୍‌ସି ଭୁଲ୍ ଥିଲେ ସେମାନେ ଫର୍ମ ୬ ଜରିଏ ନୂଆଁ ଭୋଟର୍ ଭାବେ ପଞ୍ଜିକରଣ୍, ଫର୍ମ ୮ ଜରିଏ ଭୋଟର୍ ତାଲିକାଥି ଥିବା ତଥ୍ୟର୍ ସଂଶୋଧନ୍ ଲାଗି ଆବେଦନ୍ କରିପାର୍‌ବେ । ଇନ ଜନେଇ ଦିଆଯାଇପାରେ ଯେ, ଭୋଟର୍ ତାଲିକାଥି ସଂଶୋଧନ୍ କର୍‌ବାର୍ ଆବେଦନ୍ ଶେଷ୍ ଦିନ୍ ଜୁଲାଇ ୧ ତାରିଖ୍ ଥିଲା ।

ବଏଢ୍ ଥିତି- ସ୍ୱାସ୍ଥ୍ୟମନ୍ତ୍ରୀ ଆଇ ଆଣ୍ଡ୍ ପି.ଆର୍

ରାଜ୍ୟର୍ ବଏଢ୍ ପ୍ରଭାବିତ୍ ଜିଲ୍ଲା ନ ସ୍ୱାସ୍ଥ୍ୟ ବିଭାଗ୍‌ର ପ୍ରସ୍ତୁତି ବାବ୍‌ଦେ ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ଭୁବ୍‌ନେଶ୍ୱର୍ ଖାରବେଳ ଭବନ୍ ନ ସମୀକ୍ଷା କରିଛନ୍ । ଇଥି ବିଭାଗ୍‌ର ବରିଷ୍ଠ ଅଧିକାରୀ ଆଉ ସମ୍ପୃକ୍ତ ଜିଲ୍ଲାମାନ୍‌କର୍ ମୁଖ୍ୟ

ଜିଲ୍ଲା ଚିକିତ୍ସା ଆଉ ଜନସ୍ୱାସ୍ଥ୍ୟ ଅଧିକାରୀମାନେ ଉପସ୍ଥିତ୍ ଥିଲେ । ବୈଠକ୍‌ଥି ବଏଢ଼୍ ପ୍ରଭାବିତ୍ ଇଲାକା ନ ନିରବଚ୍ଛିନ୍ନ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ୍ କର୍‌ବାର୍ ସହେତେ ଦର୍‌କାରୀ ଉଷୋ ଆଉ ଚିକିତ୍ସା ଦରବ୍ ମହଜୁଦ୍ ରଖିବାର୍‌କେ ମନ୍ତ୍ରୀ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ । ବଏଢ଼୍ ପ୍ରଭାବିତ୍ ଆଉ ଦୁର୍ଗମ ଇଲାକା ନ ମୋବାଇଲ୍ ହେଲ୍‌ଥ ୟୁନିଟ୍ ଜରିଏ ସ୍ୱାସ୍ଥ୍ୟସେବା ପୁହୁଁଚାବାର୍ ସହେତେ ଡାଇରିଆ, ହଇଜା, ମଲେରିଆ ଆଉ ଅଲ୍‌ଗା ଜଲବାହିତ ରୋଗ୍‌କେ ନଜର୍‌ଥି ରଖିବାର୍ ଆଉ ଦର୍‌କାର୍ ପଡ଼୍‌ଲେ ଚିକିତ୍ସାସେବା ୟୁଗେଇ ଦେବାର୍‌କେ ମନ୍ତ୍ରୀ ନିର୍ଦ୍ଦେଶ୍ ଦେଇଛନ୍ ।

ମତ୍ସ୍ୟ ଆଉ ପ୍ରାଣୀସମ୍ପଦ୍ ବିକାଶ୍ ବିଭାଗ୍ ଆଇ ଆଣ୍ଡ୍ ପି.ଆର୍

ବଏଢ଼୍ ପ୍ରଭାବିତ୍ ଇଲାକା ନ ପ୍ରାଣୀ ପାଲକ୍ ମାନ୍‌କୁ ସାହାଜ୍ ୟୁଗେଇ ଦେବାର୍ ଲାଗି ମତ୍ସ୍ୟ ଆଉ ପ୍ରାଣୀସମ୍ପଦ୍ ବିକାଶ୍ ବିଭାଗ୍ ତରଫୁ କଂଟ୍ରୋଲ୍ ରୁମ୍ ନମ୍ବର୍ - ୭୨୦-୫୫୯-୮୧୨୫ ଜାରି କରାୟାଇଛେ । ବଏଢ଼୍ ପରିସ୍ଥିତି ସମିଆଥି ଗୃହପାଲିତ୍ ପ୍ରାଣୀମାନ୍‌କର୍ ସୁରକ୍ଷା, ଗୋଖାଦ୍ୟ ଯୋଗାଣ ଆଉ ଚିକିତ୍ସା

ସମ୍ବନ୍ଧୀୟ ସାହାଜ୍ ଲାଗି କଂଟ୍ରୋଲ୍ ରୁମ୍ ନମ୍ବର୍‌ଥି ସଖାଲର୍ ୮ ନୁ ରାତି ୮ ବଜେ ଭିତ୍‌ରେ ପ୍ରାଣୀପାଲକ୍‌ମାନେ ଯୋଗାଯୋଗ୍ କରିପାର୍‌ବେ ବଲି କୁହାଯାଇଛେ ।

ଟେକ୍ସ- ଅଗ୍ରୀମ ଟଙ୍କା ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟମାନ୍‌କର୍ ଆର୍ଥିକ୍ ସ୍ଥିତିକେ ମଜ୍‌ବୁତ୍, ପୁଞ୍ଜି ଆଉ ଭିନ୍ ଭିନ୍ ବିକାଶ୍‌ମୂଲକ୍ କାମ୍‌କେ ତୁର୍‌ତି କର୍‌ବାର୍ ଲାଗି କେନ୍ଦ୍ର ସର୍‌କାର୍ ୨୮ ଟା ରାଜ୍ୟକେ ଟେକ୍ସ ବାବ୍‌ଦେ ୧ ଲାଖ୍ ୯ ହଜାର୍ ୧୯ କୋଟି ଟଙ୍କା ଆଗୁଆ ଦେଇଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ବଙ୍ଗୋପ୍‌ସାଗର୍ ନ ହେଇଥିବା ଗଭୀର୍ ଅବପାତ ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ଲାଗି ରହିଛେ । ଆଏବା ୨୪ ଘଂଟା ଭିତ୍‌ରେ କଲାହାଣ୍ଡି, ସୁନ୍ଦର୍‌ଗଡ୍ ସହେତେ ୨୧ ଟା ଜିଲ୍ଲା ନ ଜବର୍ ବର୍ଷା ହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍

କେନ୍ଦ୍ର ତରଫୁ ସତର୍କ ସୂଚନା ଜାରି କରାଯାଇଛେ । ଆଏଜ୍ ପହପହନୁ ସମ୍ବଲପୁର୍ ସହେତେ ଇତାର୍ ଆଖର୍ପାଖର୍ ଇଲାକା ନ ବର୍ଷା ଲାଗି ରହିଛେ ।

ସେଆଡ଼େ ହୀରାକୁଦ୍ ଜଲ୍ଭଣ୍ଡାର୍ ଜଲ୍ସ୍ତର୍ ଆଏଜ୍ ସଖାଲର୍ ୬ ବଜେତକ୍ ୬ ଶହ ୨୪ ଦଶ୍ମିକ୍ ୨/୭ ଫୁଟ୍ ରହିଥିଲା । ଇହାଦେ ୨୨ ଟା ଗେଟ୍ ଦେଇକରି ଫି ସେକେଣ୍ଡ୍ଥି ଜଲ୍ଭଣ୍ଡାର୍ନୁ ୩ ଲାଖ୍ ୮୭ ହଜାର୍ ୬ ଶହ ୨୬ ଘନଫୁଟ୍ ପାଏନ୍ ଛଡ଼ାଯାଉଥିବାର୍ ବେଲେ ୨ ଲାଖ୍ ୪୯ ହଜାର୍ ୫ ଶହ ୪୯ ଘନଫୁଟ୍ ପାଏନ୍ ଆସୁଛେ ।